MARKETS TODAY — ପୁଞ୍ଜିବଜାର ହାଲଚାଲ

| | |
|---|---|
| SENSEX | 32,400.51<br>-1.86 (0.01%) |
| NIFTY | 10,141.15<br>-6.40 (0.06%) |

ଟଙ୍କାର ବିନିମୟ ମୂଲ୍ୟ

୧ ଡଲାର=୬୪.୨୮ପଇସା

# ଡେରା ମୁଖ୍ୟାଳୟରେ ପୋତାଯାଇଛି ୬୦୦ କଙ୍କାଳ

## ମୋକ୍ଷ ପାଇଁ କଙ୍କାଳଗୁଡିକୁ ପୋତିବାକୁ ନିର୍ଦ୍ଦେଶ ଦେଇଥିଲେ ବାବା ରାମରହିମ



ସିର୍ସା, ୨୦/୯ (ଏଜେନ୍ସି): ଦୁଇ ସାଧ୍ୱୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଡେରା ସଚ୍ଚା ସୌଦାର ମୁଖ୍ୟ ବାବା ରାମ ରହିମ ଏବେ ଜେଲରେ ବନ୍ଦୀ ଜୀବନ ବିତାଉଥିବା ବେଳେ ଡେରା ସମ୍ପର୍କରେ ନୂଆ ନୂଆ ରୋଚକତଥ୍ୟ ସମ୍ମୁଖକୁ ଆସୁଛି । ଡେରା ମୁଖ୍ୟ କାର୍ଯ୍ୟାଳୟ ଭିତରେ ୬୦୦ରୁ ଊର୍ଦ୍ଧ୍ୱ କଙ୍କାଳ ପୋତାଯାଇଛି । ଏନେଇ ବୁଧବାର ଡେରା ସଚ୍ଚା ମାମଲାର ତଦନ୍ତ କରୁଥିବା ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସଆଇଟି) ସୂଚନା ଦେଇଛି । ମୃତ ଦେହ ଗୁଡ଼ିକୁ 'ମୋକ୍ଷ' ଦେବା ଲାଗି ବାବା ରାମରହିମ ଡେରା ଭିତରେ ପୋତିଦେବାକୁ ନିର୍ଦ୍ଦେଶ ଦେଇଥିଲେ । ମୃତ ଦେହଗୁଡିକୁ ପୋତାଯିବା ପରେ ତା' ଉପରେ ଗଛ ଲଗାଯାଇଥିଲା । ଇତି ମଧ୍ୟରେ କେତେକ ଗଛ ବିଶାଳ ବୃକ୍ଷରେ ପରିଣତ ହୋଇସାରଲାଣି । ତେବେ ଏଥି ପୂର୍ବରୁ ଯଦି ଡେରା ମୁଖ୍ୟ କାର୍ଯ୍ୟାଳୟରେ ଖନନ କାର୍ଯ୍ୟ ଚାଲିବ ତେବେ ୫୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଦ୍ଧାନ ହୋଇଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଖବର ମିଳିପାରିବ ବୋଲି ହରିୟାଣାସ୍ଥିତ ଜନୈକ ସାମ୍ବାଦିକ ରାମାନନ୍ଦ ଚାଟିଆ କହିଥିଲେ । ଯେଉଁ ବ୍ୟକ୍ତି ବାବାଙ୍କୁ ବିରୋଧ କରୁଥିଲେ ସେମାନଙ୍କୁ ହତ୍ୟା କରାଯିବା ପରେ ଗୁପ୍ତ ଭାବେ ସେଠାରେ ପୋତି ଦିଆଯାଉଥିବା ନେଇ ଅଭିଯୋଗ କରିଥିଲେ ଉକ୍ତ ସାମ୍ବାଦିକ ଜଣକ । ତେଣୁ ଜାତୀୟସ୍ତରର ଗଣମାଧ୍ୟମ ସମ୍ମୁଖରେ ଖୋଦନ କାର୍ଯ୍ୟ ହେବା ଆବଶ୍ୟକ ବୋଲି ସେ କହିଥିଲେ । ସେହିପରି ଏଥି ପୂର୍ବରୁ ପୋଲିସ ଡେରା ମୁଖ୍ୟ କାର୍ଯ୍ୟାଳୟରୁ ଅନେକ ଆପତ୍ତିଜନକ ଔଷଧ ସହିତ ବେଆଇନ ଗର୍ଭପାତ କ୍ଲିନିକ ଏବଂ ପ୍ଲାଷ୍ଟିକ ସର୍ଜରୀ କ୍ଲିନିକକୁ ସିଲ କରିସାରିଛି । ତେବେ ଅନ୍ୟପଟେ ଜେଲରେ ବନ୍ଦୀ ଜୀବନ ବିତାଉଥିବା ବାବା ନିଜର ପୋଷ୍ୟା କନ୍ୟା ହନିପ୍ରୀତ ସହିତ କଥା ହେବାକୁ ବାଉଳା ହେଉଛନ୍ତି । ତାଙ୍କ ସହିତ ହନିଙ୍କୁ କଥା କରାଇବା ପାଇଁ ବାବା ଜେଲ ଅଧିକାରୀଙ୍କୁ ଟେଲିଫୋନ ନମ୍ବର ଦେଇଛନ୍ତି । ସୁନାରିଆ ଜେଲ ଅଧିକାରୀମାନେ କହିଛନ୍ତି ଯେ , ଗୁରମିତ ଦେଇଥିବା ଦୁଇଟି ନମ୍ବର ମଧ୍ୟରୁ ଗୋଟିକର ହନିପ୍ରୀତ ଓ ଅନ୍ୟ ନମ୍ବରଟି ଡେରା ପରିସର ଛାଡିବା ପୂର୍ବରୁ ନିଜେ ଗୁରମିତ ବ୍ୟବହାର କରୁଥିଲେ । ।

## ମୁମ୍ବାଇରେ ପ୍ରବଳ ବର୍ଷା, ସ୍କୁଲ କଲେଜ ବନ୍ଦ



ମୁମ୍ବାଇ, ୨୦/୯ (ଏଜେନ୍ସି): ଗୋଟିଏ ମାସରେ ଦ୍ୱିତୀୟ ଥର ପାଇଁ ମାୟାନଗରି ମୁମ୍ବାଇ ବର୍ଷା ଜଳରେ ଉବୁଟୁବୁ ହେଉଛି । ଗତ କିଛି ଦିନ ଧରି ବର୍ଷା ଜୋରରେ ଲାଗି ରହିବାରୁ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଆହୁରି ୨/୩ ଦିନ ଧରି ମୂଷଳ ଧାରାରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେବା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁମ୍ବାଇର ସବୁ ସ୍କୁଲ କଲେଜକୁ ବନ୍ଦ କରି ଦିଆଯାଇଛି । ତେବେ ତଳିଆ ଅଞ୍ଚଳକୁ ବନ୍ୟା ଜଳ ମାଡିଆସିଥିବା ଜଣାପଡିଛି । ସହରରେ ୨୦ରୁ ୯୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏଥି ପୂର୍ବରୁ ଗତ ମାସରେ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ୧୪ ଜଣ ଲୋକଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦ ମିଲିୟନ ଲୋକ ପ୍ରଭାବିତ ହୋଇଥିଲେ । ସେହିପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ବିମାନ ଉଡାଣ ସାମୟିକ ଭାବେ ବନ୍ଦ କରି ଦିଆଯାଇଥିଲା ।

## ହାଇଦ୍ରାବାଦରେ ବିବାହ ର୍ୟାକେଟ, ୮ ଶେଖ ଗିରଫ

ହାଇଦ୍ରାବାଦ, ୨୦/୯ (ଏଜେନ୍ସି): ଏକ ମ୍ୟାରେଜ ର୍ୟାକେଟ ଚଳାଉଥିବା ଅଭିଯୋଗରେ ହାଇଦ୍ରାବାଦ ପୋଲିସ ୮ ଜଣ ଶେଖଙ୍କ ସମେତ ୪ ଜଣ ମୁସଲିମ ମୌଲବୀଙ୍କୁ ଗିରଫ କରିଛି । ଗିରଫ ୮ ଶେଖସାଉଦିଆରବ, ଓମାନ ଓ କାତାରର ବୋଲି ପୋଲିସ କହିଛି । ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଏହି ର୍ୟାକେଟରେ ମୌଲବୀମାନେ ସାମିଲ କରୁଥିଲେ । ଗିରଫ ଦୁଇ ଶିଖ ବ୍ୟକ୍ତି ଦୁଇ ଦଳିତ ନାବାଳିକା ଫାଲାଖୁନମା ଏବଂ ଚନ୍ଦ୍ରାୟନ ଗୁଟ୍ଟାଙ୍କୁ ଚୁକ୍ତିଭିତ୍ତିରେ ବିବାହ କରିଥିଲେ । ଏହି ଘଟଣାରେ ପୋଲିସ ମଧ୍ୟ ୪ ଜଣ ଲଜ ମାଲିକଙ୍କ ସହିତ ୫ ଜଣ ବିବାହ ଦଲାଲଙ୍କୁ ଗିରଫ କରିଛି । ତେବେ ଏଥି ପୂର୍ବରୁ ଉକ୍ତ ଘଟଣାରେ ସୋମବାର ମୁମ୍ବାଇର କ୍ୱାଜି ମୁଖ୍ୟ ଫରିଦ ଅହମ୍ମଦ ଖାନଙ୍କୁ ଗିରଫ କରିଥିଲା ।

## ବାଣକାରଖାନାରେ ବିସ୍ଫୋରଣ ଘଟି ୧୦ ମୃତ !

ଚଣ୍ଡିଗଡ, ୨୦/୯ (ଏଜେନ୍ସି): ପଞ୍ଜାବର ସଙ୍ଗରୁର ଜିଲା ସୁଲର ସ୍ୱାଟ ଗ୍ରାମରେ ଥିବା ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣ ଲୋକଙ୍କର ମୃତ୍ୟୁ ଘଟିଛି । ସେଠାରେ ସ୍ଥାନୀୟ ଅଗ୍ନିଶମ ବାହିନୀ ଓ ପୋଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲା । ଏପର୍ଯ୍ୟନ୍ତ ୭ ଜଣଙ୍କର ମୃତଦେହ ବାହାର କରାଯାଇପାରିଛି । ଗୋଦାମ ମଧ୍ୟରେ ଫଶି ରହିଥିବା ଅନ୍ୟ ଲୋକଙ୍କୁ ଉଦ୍ଧାର ପାଇଁ ଚେଷ୍ଟା ଜାରି ରହିଛି । ସୂଚନା ମୁତାବକ ବାଣ ବିସ୍ଫୋରଣ ଯୋଗୁଁ ଗୋଦାମରେ ନିଆଁ ଲାଗିଥିଲା । ବିସ୍ଫୋରଣର ମାତ୍ରା ଏତେ ଥିଲା ଯେ, ନିକଟରେ ଥିବା କିଛି ଘର ମଧ୍ୟ ଦୋହଲି ଯାଇଥିଲା ।

## ସିକିମରେ ଭୂସ୍ଖଳନ, ୫ ମୃତ

ଗାଙ୍ଗଟକ, ୨୦/୯ (ଏଜେନ୍ସି): ଗତ କିଛି ଦିନ ଧରି ଲଗାତାର ବର୍ଷା ଯୋଗୁଁ ସିକିମର ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଘଟିଛି । ଏହି ଘଟଣାରେ ବିଭିନ୍ନ ସ୍ଥାନରେ ୫ ଜଣଙ୍କରମୃତ୍ୟୁ ଘଟିଥିବା ଜଣାପଡିଛି । ବୁଧବାର ବିଳମ୍ବିତ ରାତିରେ ଏହି ପ୍ରାକୃତିକ ଦୁର୍ଘଟଣା ଘଟିଥିଲା । ଭୂସ୍ଖଳନ ଯୋଗୁଁ ଏକ ଘର ଭୁଶୁଡି ପଡିବାରୁ ଘରେ ଥିବା ୩ ଜଣ ସଦସ୍ୟ ମାଟିର ସମାଧି ନେଇଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାରକାରୀ ଦଳ ଉଦ୍ଧାର କରିଥିଲେ । ଅନ୍ୟ ଏକ ଦୁର୍ଘଟଣା ଭୋର ପ୍ରାୟ ୩ଟା ବେଳେ ଘଟିଥିଲା । କାଟେଙ୍ଗ ନାମଫୋକପୁରେ ଅଞ୍ଚଳରେ ଏକ ଘର ଭୁଶୁଡିପଡିବାରୁ ଜଣେ ମହିଳା ଏବଂ ତାଙ୍କର ଝିଅଙ୍କର ମୃତ୍ୟୁ ଘଟିଥିଲା । ଭୂସ୍ଖଳନ ଯୋଗୁଁ କେତେକ ସ୍ଥାନରେ ଯାତାୟତ ଘୋର ବାଧାପ୍ରାପ୍ତ ହୋଇଛି ।

### ଏଆଇଏଡିଏମକେ ଅନ୍ତର୍ଦ୍ୱନ୍ଦ୍ୱ ମାମଲାରେ ମାଡ୍ରାସ ହାଇକୋର୍ଟଙ୍କ ରାୟ

## ବିଧାନସଭାରେ ବର୍ତ୍ତମାନ ଆସ୍ଥା ଭୋଟ ହେବନି



ଚେନ୍ନାଇ, ୨୦/୯ (ଏଜେନ୍ସି): ତାମିଲନାଡୁ ବିଧାନସଭାରେ ଆସ୍ଥା ଭୋଟ ଉପରେ ରହିତାଦେଶର ଅବଧିକୁ ବୃଦ୍ଧି କରାଯାଇଛି । ବର୍ତ୍ତମାନ ତାମିଲନାଡୁ ବିଧାନସଭାରେ ଆସ୍ଥା ଭୋଟ ହେବ ନାହିଁ ବୋଲି ମାଡ୍ରାସ ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । କୋର୍ଟଙ୍କ ଆଗାମୀ ରାୟ ନଆସିବା ପର୍ଯ୍ୟନ୍ତ ରହିତାଦେଶ ବଳବତ୍ତର ରହିଥିବା ନେଇ ବାଚସ୍ପତିଙ୍କ ଦ୍ୱାରା ଅଯୋଗ୍ୟ ଘୋଷିତ ହୋଇଥିବା ୧୮ ବିଧାୟକଙ୍କ ମାମଲାର ଶୁଣାଣି ବେଳେ କୋର୍ଟ ଏହା କହିଛନ୍ତି । କୋର୍ଟଙ୍କ ଏହି ରାୟ ଆସିବା ପରେ ବିଦ୍ରୋହୀ ଦିନାକରଣ ଏବଂ ତାଙ୍କ ସମର୍ଥକ ଏକ ପ୍ରକାର ନିରାଶ ହୋଇପଡିଛି । କେବଳ ସେତିକି ନୁହେଁ ୧୮ ବିଧାୟକ ଅଯୋଗ୍ୟ ଘୋଷିତ ଉପରେ ରହିତା ଦେଶ ଜାରି କରାଯିବ ନାହିଁ ବୋଲି କୋର୍ଟ କହିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୪ ରେ ହେବ ।

ସୂଚନାଯୋଗ୍ୟ ଯେ, ଅଯୋଗ୍ୟ ୧୮ ବିଧାୟକଙ୍କ ମଧ୍ୟରୁ ବିଧାୟକ ପି ଭେଟ୍ରିଭେଲ ଏନେଇ ମାଡ୍ରାସ ହାଇକୋର୍ଟରେ ପିଶିସନ ଦାଖଲ କରିଥିଲେ । ମାମଲାର ଶୁଣାଣି ଚାଲିଥିବା ସମୟରେ ଟିଟିଭି ଦିନାକରଣଙ୍କ ଓକିଲ ଦୁଷ୍ୟାନ୍ତ ଡାଭେ କହିଥିଲେ ଯେ, ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଦଳବଦଳ ନିରୋଧୀ ଆଇନର ଭୁଲ ବ୍ୟବହାର ହୋଇଛି । ଘଟଣାକୁ କିଛି ଦିନ ବିତିଥିଲେ ମଧ୍ୟ ବିଧାୟକଙ୍କ ସମ୍ପର୍କରେ ତଦନ୍ତ କରିବା ପାଇଁ କାହିଁକି କମିଟି ଗଠନ କରାଯାଇନାହିଁ ।ତେଣୁ ଏଥିରୁ ବାଚସ୍ପତି ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛନ୍ତି ବୋଲି ଡାଭେ ଯୁକ୍ତି ବାଢିଥିଲେ । ବିଧାୟକମାନେ ଦଳ ବିରୋଧରେ ଭୋଟ ଦେଇନାହାନ୍ତି କି ସେମାନେ ଇସ୍ତଫା ମଧ୍ୟ ଦେଇନାହାନ୍ତି । ତେଣୁ ଆଣ୍ଟି ଡିଫେକ୍ସନ ଲ କେଉଁଠୁ ଆସିଲା । ତେଣୁ ବାଚସ୍ପତି ଜାଣିଶୁଣି ବିଧାୟକଙ୍କ ଅଧିକାର କ୍ଷୁର୍ଣ୍ଣ କରିଛନ୍ତି ଯୁକ୍ତିକାଳରେ ଡାଭେ କୋର୍ଟଙ୍କୁ ପ୍ରଶ୍ନ କରିଥିଲେ ।

ଅନ୍ୟପଟେ ଏଆଇଏଡିଏମକେ ସରକାରକୁ ପତନ କରିବା ପାଇଁ ଆଇନ ଏବଂ ଗଣତାନ୍ତ୍ରିକ ଉପାୟରେ ପଦକ୍ଷେପ ନେବା ଲାଗି ମୁଖ୍ୟ ବିରୋଧୀ ଦଳ ଡିଏମକେ ନିଜର ବିଧାୟକମାନଙ୍କୁ ନେଇ ଏକ ମନ୍ତ୍ରଣା ବୈଠକ କରିଥିଲା । ୧୮ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣାକୁ ବୈଠକରେ ନିନ୍ଦା କରିବା ସହିତ ବାଚସ୍ପତି ଧନପାଲ ଏବଂ ମୁଖ୍ୟମନ୍ତ୍ରୀ ପଲାନିସ୍ୱାମୀଙ୍କ ଇସ୍ତଫା ଦାବି କରିଥିଲେ ବିରୋଧୀ ଡିଏମକେ । ତାମିଲନାଡୁର ଏଆଇଏଡିଏମକେ ସରକାର ଠାରୁ ସମ୍ପର୍କ ଛିନ୍ନ କରି ଦିନାକରନ କେତେକ ନେତାଙ୍କୁ ଧରି ବିଦ୍ରୋହ କରିଥିଲେ । ଶେଷରେ ଏହି ବିଦ୍ରୋହ ତାଙ୍କୁ ମହଙ୍ଗା ପଡିଥିଲା । ତାମିଲନାଡୁ ବିଧାନସଭା ବାଚସ୍ପତି ପି ଧନପାଲ ଗତ ସୋମବାର ୧୮ ଜଣ ବିଧାୟକଙ୍କୁ ଅଯୋଗ୍ୟ ଘୋଷିତ କରିଥିଲେ । ପୁଣି ଥରେ ବିଧାନସଭାରେ ପାଲାନିସ୍ୱାମୀ ସରକାରକୁ ଆସ୍ଥା ଭୋଟ କରାଇବା ଲାଗି ନିର୍ଦ୍ଦେଶ ଦେବା ସକାଶେ ହାଇକୋର୍ଟଙ୍କୁ ନିବେଦନ କରିଥିଲେ ଦିନାକରନ ଗୋଷ୍ଠୀ । କିନ୍ତୁ ଏହି ମାମଲାରେ ମଧ୍ୟ ବିଦ୍ରୋହୀଙ୍କୁ ବିଶେଷ କିଛି ଲାଭ ମିଳିପାରିନାହିଁ । ନିକଟରେ ଦିନାକରନଙ୍କ ଗୋଷ୍ଠୀ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ଦଳର ଯେଉଁ ସାଧାରଣ ପରିଷଦ ବୈଠକରେ ଦୁଇ ମୁଖ୍ୟଙ୍କୁ ବହିଷ୍କୃତ କରାଗଲା ତାହାକୁ ବେଆଇନ ଘୋଷଣା କରିବାକୁ ଦୃଢ଼ ଦାବି କରାଯାଇଥିଲା । ତେଣୁ ମାଡ୍ରାସ ହାଇକୋର୍ଟଙ୍କ ରାୟରେ ନିରାଶ ହୋଇପଡିଥିବା ବିଦ୍ରୋହୀ ଗୋଷ୍ଠୀ କିଛି ନୂଆ ପଦକ୍ଷେପ ନେବାକୁ ଯୋଜନା କରୁଥିବା ଜଣାପଡିଛି ।

## ଗିରଫ ହେବେ ରିୟାନ ସ୍କୁଲ ମାଲିକ !

### ଆଗୁଆ ଜାମିନ, ରହିତାଦେଶକୁ ହରିୟାଣା ହାଇକୋର୍ଟଙ୍କ ନା



ଚଣ୍ଡିଗଡ, ୨୦/୯ (ଏଜେନ୍ସି): ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ର ହତ୍ୟା ଘଟଣାରେ ଏବେ ମାଲିକଙ୍କ ପାଇଁ ଅଡୁଆ ସାଜିଛି । ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଅନେକ ଅଭିଯୁକ୍ତଙ୍କୁ ହରିୟାଣା ପୋଲିସ ଗିରଫ କରିସାରିଥିବା ବେଳେ ଏବେ ମାଲିକଙ୍କ ପାଳି ପଡିବାକୁ ଯାଉଛି । ଗିରଫ ଭୟରେ ରିୟାନ ସ୍କୁଲ ମାଲିକ ଗ୍ରେସ ପିଣ୍ଟୋ ଏବଂ ଫ୍ରାନ୍ସିସ ପିଣ୍ଟୋଙ୍କ ଆଗୁଆ ଜାମିନକୁ ହରିଆଣା ହାଇକୋର୍ଟ ଖାରଜ କରି ଦେଇଛନ୍ତି । ଏଥି ସହିତ ଗିରଫ ଉପରେ କୌଣସି ପ୍ରକାରେ ରହିତା ଦେଶ ଜାରି କରାଯାଇପାରିବ ନାହିଁ ବୋଲି କୋର୍ଟ ସ୍ୱଷ୍ଟ ଭାବେ କହିଛନ୍ତି । ମାମଲାର ଶୁଣାଣି କରୁଥିବା ଜଷ୍ଟିସ ଇନ୍ଦରଜିତ୍ ସିଂ ଏନେଇ ଜବାବ ଦାଖଲ କରିବାକୁ ହରିୟାଣା ସରକାରଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ଗତ ସପ୍ତାହରେ ଆଗୁଆ ଜାମିନ ପାଇଁ ହରିୟାଣାର ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ରିୟାନ ସ୍କୁଲ ମାଲିକ । ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୨୫କୁ ଧାର୍ଯ୍ୟ କରାଯାଇଛି । ତେବେ ଏଥି ପୂର୍ବରୁ ସେପ୍ଟେମ୍ବର ୧୪ ରେ ବମ୍ବେ ହାଇକୋର୍ଟ ୩ ଟ୍ରଷ୍ଟିଙ୍କ ବିରୋଧରେ ଆଗୁଆ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ । ଏହା ଏକ ଗମ୍ଭୀର ମାମଲା । ତେଣୁ ହାଇକୋର୍ଟ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ରାୟ ଦେବେ ବୋଲି ପୀଡିତ ଛାତ୍ରଙ୍କ ବାପାଙ୍କ ଓକିଲ କହିଛନ୍ତି । ସୂଚନାଯେଗ୍ୟ ଯେ, ଗୁରୁଗାଓଁସ୍ଥିତ ରିୟାନ ଇଣ୍ଟରନ୍ୟାସନାଲ ସ୍କୁଲ ଷ୍ଟାଣ୍ଡାର୍ଡ-୨ ଛାତ୍ର ପ୍ରଦ୍ୟୁମ୍ନ ଠାକୁର ହତ୍ୟାକାଣ୍ଡର ସିବିଆଇ ତଦନ୍ତ ପାଇଁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ସରକାର ଗତକାଲି ନିର୍ଦ୍ଦେଶ ଦେଇଥିଲେ । ଏହା ସହିତ ସ୍କୁଲ ପରିଚାଳନା ଦାୟିତ୍ୱ ୩ ମାସ ପାଇଁ ନେବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ଗତ ସେପ୍ଟେମ୍ବର ୮ ତାରିଖରେ ପ୍ରଦ୍ୟୁମ୍ନକୁ ସ୍କୁଲ ଶୌଚାଳୟରେ ହତ୍ୟା କରାଯାଇଥବଲା । ପୁଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଏହାର ତଦନ୍ତ କରି ସ୍କୁଲ ଗାଡି ଡ୍ରାଇଭର ଅଶୋକଙ୍କୁ ଗିରଫ କରିଥିଲା । ଏକପାଖିଆ ଧାରୁଆ ଅସ୍ତ୍ରରେ ପ୍ରଦ୍ୟୁମ୍ନ ତଣ୍ଟିକୁ କାଟି ହତ୍ୟା କରାଯାଇଥିଲା । ଏହି ଧାରୁଆ ଅସ୍ତ୍ରରେ ପ୍ରଦ୍ୟୁମ୍ନଙ୍କ ତଣ୍ଟିକୁ କାଟିବା ଦ୍ୱାରା ତାଙ୍କ ବେକରେ ୧୮ଗୁଣା୨ ସେଣ୍ଟିମିଟରର ଗଭୀର କ୍ଷତ ସୃଷ୍ଟି ହୋଇଥିଲା । ଏଥି ସହିତ ତାଙ୍କର ଖାଦ୍ୟନଳୀ ଏବଂ ରକ୍ତପ୍ରବାହ ନଳୀ କଟିଯାଇଥିଲା ବୋଲି ବ୍ୟବଚ୍ଛେଦ ରିପୋର୍ଟ ଜଣାପଡିଛି ।

## ୩୮୯ କୋଟି ଟଙ୍କା ଡ୍ୟାମ ଭୁଶୁଡିଲା




ଭାଗଲପୁର, ୨୦/୯ (ଏଜେନ୍ସି): ଉଦ୍‌ଘାଟନର ଗୋଟିଏ ଦିନ ପୂର୍ବରୁ ବିହାରର ଭାଗଲପୁରରେ ୩୮୯ କୋଟି ଟଙ୍କାର ଗଟେଶ୍ୱର ପାନ୍ଥ କେନାଲ ପ୍ରୋଜେକ୍ଟ ଡ୍ୟାମର ଏକ ବଡ ଅଂଶ ଭୁଶୁଡି ପଡିଛି । ୨୪ ଘଣ୍ଟା ପୂରିଥିଲେ ନୀତିଶ କୁମାର ଏହି ଡ୍ୟାମକୁ ଲୋକାର୍ପିତ କରିଥାନ୍ତେ । ତେବେ ପରୀକ୍ଷାମୂଳକ ଭାବେ ପୂର୍ଣ୍ଣ କ୍ଷମତାରେ ଡ୍ୟାମ ଜଳ ଛାଡିବା ଯୋଗୁଁ ଡ୍ୟାମ ରବଡ ଅଂଶ ଭାଙ୍ଗିଯାଇଥିଲା । ଫଳରେ ତଳିଆ ଅଞ୍ଚଳରେ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି । ଭାଗଲପୁରର କାହାଲଗାଁରେ ଜଳସେଚନ ସ୍କିମରେ ଏହି ଡ୍ୟାମକୁ ୩୮୯.୩୧କୋଟି ଟଙ୍କାରେ ନିର୍ମିତ କରାଯାଇଥିଲା । ଲକ୍ଷ୍ୟ ଥିଲା ଜଳ ସଞ୍ଚୟ କରି ଚାଷୀମାନଙ୍କ କ୍ଷେତକୁ ଜଳଯୋଗାଇ ଦେବା । କିନ୍ତୁ ଏହି ସ୍ୱପ୍ନ ଏବେ ଅଧୁରା ରହିଯାଇଛି ।

### ଉତ୍କଳ ଏକ୍ସପ୍ରେସ ଦୁର୍ଘଟଣାର ଆସିଲା ପ୍ରାରମ୍ଭିକ ରିପୋର୍ଟ

## ଦୁର୍ଘଟଣା ଥିଲା ମନୁଷ୍ୟକୃତ୍ୟ



ନୂଆଦିଲ୍ଲୀ , ୨୦/୯ (ଏଜେନ୍ସି): ପୁରୀ-ହରିଦ୍ୱାର ଉତ୍କଳ ଏକ୍ସପ୍ରେସ ଦୁର୍ଘଟଣାର ପ୍ରାରମ୍ଭିକ ରିପୋର୍ଟ ଆସିଛି । ଏହି ଭୟାବହ ଦୁର୍ଘଟଣା ବୈଷୟିକ ତ୍ରୁଟି ନୁହେଁ ବରଂ ମନୁଷ୍ୟକୃତ ଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି । ଉତ୍ତର ରେଳବାଇର ସୁରକ୍ଷା କମିଶନର ଶୈଳେଷ କୁମାର ପାଠକ ତଦନ୍ତର ପ୍ରାରମ୍ଭିକ ରିପୋର୍ଟ ଦାଖଲ କରିଛନ୍ତି । ଟ୍ରେନ ନଂ ୧୮୪୭୭ ଟି ଖାତୁଲି-ମନସୁରପୁର ମଧ୍ୟରେ ଥିବା ସାହାରନପୁର ଷ୍ଟେସନ ନିକଟରେ ଲାଇନଚ୍ୟୁତ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ୨୨ ଜଣଙ୍କର ମୃତ୍ୟୁ ଘଟିଥିଲା । ୪୦ ଗୁରୁତର ଓ ୬୬ ଜଣ ସାମାନ୍ୟ ଆହତ ହୋଇଥିଲେ । ଏଥିରେ ଓଡିଶାର ୩ ଯାତ୍ରୀ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ । ଏହି ଦୁର୍ଘଟଣାରେ ଶ୍ରୀ ପାଠକଙ୍କ ଦ୍ୱାରା ହୋଇଥିବା ପ୍ରାରମ୍ଭିକ ତଦନ୍ତ ରିପୋର୍ଟରେ ରେଳବାଇ କର୍ମଚାରୀଙ୍କ ଦାୟିତ୍ୱହୀନତା ପାଇଁ ଏହା ଘଟିଥିଲା ବୋଲି ଦର୍ଶାଯାଇଛି । ଏହି ଦୁର୍ଘଟଣା ପରେ ତତ୍କାଳୀନ ରେଳବାଇ ମନ୍ତ୍ରୀ ସୁରେଶ ପ୍ରଭୁ କିଛି ବରିଷ୍ଠ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ରେଳବାଇ ବୋର୍ଡ ଅଧ୍ୟକ୍ଷ ଏକେ ମିତ୍ତଲ ମଧ୍ୟ ଏହି ମାମଲାରେ ନିଜର ଇସ୍ତଫା ଦେଇଥିଲେ ।

### ଦେଶରେ ଅଧିକ ସହରରେ ଗଡିବ ଡବଲ ଡେକର ବସ୍

## ତାଲିକାରେ ରହିଛି ବିଶାଖାପାଟଣା-ଭୁବନେଶ୍ୱର



ନୂଆଦିଲ୍ଲୀ, ୨୦/୯ (ଏଜେନ୍ସି): ଦେଶରେ ଗାଡି ସଂଖ୍ୟା ବୃଦ୍ଧି ପାଇବାରୁ ଯାତ୍ରାରେ ଘୋର ବିଳମ୍ବ ଘଟୁଛି । ତେଣୁ ଏନେଇ ନୂଆ ଯୋଜନା କରିବାକୁ ସରକାର ଚିନ୍ତା କରୁଛନ୍ତି । କା ଭାଁ ଡବଲ ଡେକର ବସ୍ ଚଳାଚଳ କରୁଥିବା ବେଳେ ଏବେ ଏହି ସଂଖ୍ୟା ଆହୁରି ବୃଦ୍ଧି କରାଯିବ । ଏନେଇ ତାଲିକାଭୁକ୍ତ ରାଜ୍ୟଗୁଡିକୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଯୋଗାଇ ଦେବେ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରି କହିଛନ୍ତି । ଡବଲଡେକର ବସଗୁଡିକ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରଣଭୁକ୍ତ ହେବ । ଏଥି ସହିତ ବସରେ ଅତ୍ୟାଧୁନିକ ସୁବିଧାମାନ ଉପଲବ୍ଧ ହେବ । ଦୀର୍ଘ ଦୂରତ୍ୱ ଆନ୍ତଃ ସହର ରୁଟଗୁଡିକର ଡବଲ ଡେକର ଲକଜୁରି ବସ ଚଳାଇବାକୁ ରାଜ୍ୟ ସଡ଼କ ପରିବହନ ଉପକ୍ରମଗୁଡିକୁ ଉତ୍ସାହ ଦେବା ପାଇଁ କେନ୍ଦ୍ର ସରକାର ଏଭଳି ଯୋଜନା କରିଛନ୍ତି । ତେବେ ତାଲିକାଭୁକ୍ତ ୭୫ଟି ରାଜ୍ୟପାରି ରୁଟଗୁଡିକରେ ଭୁବନେଶ୍ୱର ମଧ୍ୟ ସାମିଲ ରହିଛି । ଡବଲଡେକର ବସଗୁଡିକ ଦିଲ୍ଲୀ-ଆଗ୍ରା, ଦିଲ୍ଲୀ-ଜୟପୁର, ଲକ୍ଷ୍ନୌ-ଗୋରଖପୁର, ବଡଦୋରା-ମୁମ୍ବାଇ, ଶ୍ରୀନଗର-ଜଳନ୍ଧର, ବୋଝିକୋଡ, କୋଚି, ବେଙ୍ଗାଲୁରୁ-ମାଙ୍ଗାଲୋର ଏବଂ ବିଶାଖାପାଟଣାନମ-ଭୁବନେଶ୍ୱର ।